## ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତିନାମାଳିପଶି ପଞ୍ଚାୟତ ନୂଆପଡ଼ା ଗ୍ରାମ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ମୃତ ମହିଳା ଜଣକ ହେଲେ ବାସନ୍ତୀ ବେହେରା (୫୫)। ସେ ରବିବାର ପୋଖରୀକୁ ଶୌଚ ହେବା ପାଇଁ ଯାଇ ନିଖୋଜ ହୋଇ ଯାଇଥିଲେ। ସୋମବାର ଘରଲୋକେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଘଟଗାଁ ପୋଲିସକୁ ଖବର ଦେଇଥିଲେ। ପୋଲିସ ନଂ. ୫୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ରକ୍ତ ଦେଇ ନ ପାରି ଫେରିଲେ ସହସ୍ରାଧିକ ଯୁବତୀଯୁବକ

ଭୋଗରାଇ, ୧୭।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉତ୍ତରଦେଉଳା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ଉପଲକ୍ଷେ ଜୀବନ ବିନ୍ଦୁ ଓଡ଼ିଶା ମୋ ପରିବାର ପକ୍ଷରୁ ୪୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

ବ୍ଲକସ୍ତରୀୟ ଏହି ମେଗା ରକ୍ତଦାନ କାର୍ଯ୍ୟକୁ ଫିତାକାଟି ଉଦ୍‌ଘାଟନ କରିଥିଲେ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ। ଭୋଗରାଇ ବ୍ଲକ ୫୦ ପଞ୍ଚାୟତ ସହସ୍ରାଧିକ ଯୁବତୀ ଯୁବତୀଯୁବକ ଦୂରଦୂରାନ୍ତରୁ ଆସି ରକ୍ତଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ମଧ କିଟ୍ ଅଭାବରୁ ରକ୍ତ ସଂଗ୍ରହ ସମ୍ଭବ ହୋଇପାରି ନ ଥିଲା। ରକ୍ତଦାନ କରିପାରି ନ ଥିବା ଯୁବତୀଯୁବକମାନେ ଶେଷରେ ନିରାଶ ହୋଇ ଫେରିଥିଲେ। ଜୀବନବିନ୍ଦୁ ଓଡ଼ିଶା ମୋ ପରିବାର ବ୍ଲକ ସଂଯୋଜକ ନଳିନୀ କୁମାର ସେଠୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିବା ବେଳେ ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, ଭାଇସଚେୟାରମ୍ୟାନ୍ ମୀନାରାଣୀ ସାସମଲ, ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ଗଣପତି ଗିରି ଓ ଭାଇସଚେୟାରମ୍ୟାନ୍ ଦୀପକ କୁମାର ଦାସ, ଜିଲା ବିଜେଡି ଉପସଭାପତି ଭୁବନାନନ୍ଦ ଦାସ, ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ସରପଞ୍ଚ ତପନ କୁମାର ପଣ୍ଡା, ଯୁବନେତା ତାପସ ଦାସ ମହାପାତ୍ର, ବରିଷ୍ଠ ନେତା ବିଶ୍ୱଜିତ୍ ଦାସ, ସମିତିସଦସ୍ୟ ଭବେନ୍ଦ୍ର ସାହୁ, ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, କବିତା ମହାନ୍ତି ପ୍ରମୁଖ ସାମିଲ ହୋଇ ଯୁବତୀଯୁବକଙ୍କୁ ଉତ୍ସାହିତ କରିଥିଲେ।

### ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ଉଚ୍ଚ ବିଦ୍ୟାପୀଠରେ ପଢ଼ାଯିବ ଯୁକ୍ତ ୨

ଭଣ୍ଡାରିପୋଖରୀ, ୧୭।୧୦(ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଷୋଳମପୁର ପଞ୍ଚାୟତ ମଣିନାଥପୁର ନରେନ୍ଦ୍ର କୁମାର ଉଚ୍ଚ ବିଦ୍ୟାପୀଠ ବ୍ଲକର ଦ୍ୱିତୀୟ ହାଇସ୍କୁଲ ଭାବେ ଅପଗ୍ରେଡ୍‌ରେ ଅନ୍ତର୍ଭୁକ୍ତ ହୋଇଛି। ଏହା ଭଦ୍ରକ ଜିଲାର ଦ୍ୱିତୀୟ ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଭାବେ ଉଚ୍ଚ ବିଦ୍ୟାପୀଠକୁ ଉନ୍ନୀତ ହୋଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଚିଠି ଅନୁଯାୟୀ ରାଜ୍ୟର ୨୬ ଜିଲାର ୪୩ ହାଇସ୍କୁଲକୁ ଅପଗ୍ରେଡ୍ କରାଯାଇ ଚଳିତ ଶିକ୍ଷାବର୍ଷଠାରୁ କଳାରେ ଏକାଦଶ ଶ୍ରେଣୀ ଶିକ୍ଷାଦାନ ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ସେଥିମଧ୍ୟରୁ ଭଦ୍ରକ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ପକ୍ଷରୁ ଜିଲାର ୬ ହାଇସ୍କୁଲକୁ ଅପଗ୍ରେଡ ପାଇଁ ସୁପାରିଶ କରାଯାଇଥିଲା। ମଣିନାଥପୁର ନରେନ୍ଦ୍ର କୁମାର ଉଚ୍ଚ ବିଦ୍ୟାପୀଠ ଏହି ଗୌରବ ହାସଲ କରିଛି। ଭଦ୍ରକ ଜିଲାରେ ୪୬ ଅନୁଦାନପ୍ରାପ୍ତ ଓ ଆବାସିକ ଉଚ୍ଚ ମାଧ୍ୟମିକ ସ୍କୁଲରେ ଏକାଦଶ ଓ ଦ୍ୱାଦଶ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ଭଣ୍ଡାରିପୋଖରୀର ନୟନମଣି ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ଏହି ସ୍କୁଲଗୁଡ଼ିକ ବ୍ୟତୀତ ଭଦ୍ରକ ଉଚ୍ଚ ମାଧ୍ୟମିକ ସ୍କୁଲ ଏକମାତ୍ର ପୁରାତନ ସରକାରୀ ବିଦ୍ୟାଳୟ ଭାବେ ଯୁକ୍ତ ୨ ସ୍ତରର ଶିକ୍ଷାଦାନ କରୁଛି। ଏବେ ମଣିନାଥପୁର ନରେନ୍ଦ୍ର କୁମାର ଉଚ୍ଚ ବିଦ୍ୟାପୀଠ ୨ୟ ସରକାରୀ ଯୁକ୍ତ ୨ ସ୍କୁଲର ମାନ୍ୟତା ଲାଭ କରିଛି। ଚଳିତବର୍ଷ ଯୁକ୍ତ ୨ ସ୍ତରରେ ଛାତ୍ରୀଛାତ୍ର ନାମ ଲେଖାଇ ସାରିଥିବାରୁ ଏହି ନୂତନ ସ୍କୁଲରେ ଶିକ୍ଷାଦାନ ହେବା ସମ୍ପର୍କରେ ସ୍ଥିତି ଅସ୍ପଷ୍ଟ ରହିଛି। ଚଳିତ ସପ୍ତାହରେ ଏନେଇ ସ୍ପଷ୍ଟ କରାଯିବ ବୋଲି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ ସୂଚନା ଦେଇଛନ୍ତି।

# ଧାରଣାରେ ଅଲଚିକି ଭାଷା ଶିକ୍ଷକ

■ବିଭିନ୍ନ ସଙ୍ଗଠନ ପକ୍ଷରୁ ଆଲୋଚନା
■ଆନ୍ଦୋଳନ ପାଇଁ ସଜବାଜ

ବାରିପଦା ଅଫିସ,୧୭।୧୦

ନିୟମିତ ଶିକ୍ଷକର ମାନ୍ୟତା ଦାବିରେ ମୟୂରଭଞ୍ଜ ଜିଲାରେ ଠିକା ନିଯୁକ୍ତିପ୍ରାପ୍ତ ସାନ୍ତାଳୀ ଭାଷା(ଅଲଚିକି) ଶିକ୍ଷକମାନେ ୬ଦିନ ଧରି ଜିଲା ପ୍ରକଳ୍ପ ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସରକାରଙ୍କ ପକ୍ଷରୁ ଚୁକ୍ତି ଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରାଯାଇଥିଲେ ମଧ୍ୟ ଏହି ଶିକ୍ଷକମାନଙ୍କ କ୍ଷେତ୍ରରେ ତାହା ଲାଗୁ କରାଯାଇ ନାହିଁ। ଫଳରେ ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ପ୍ରତି ପାତର ଅନ୍ତର ନୀତି ସ୍ପଷ୍ଟ ବାରି ହୋଇପଡୁଥିବା ଅଭିଯୋଗ କରି ବିଭିନ୍ନ ସଙ୍ଗଠନ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏ ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ରାଜ୍ୟ ସଭାପତି ଅଞ୍ଜନୀ ସୋରେନ, ଭାଜପା ରାଜ୍ୟ ଉପସଭାପତି ଫାଗୁ ହାଁସଦା ଓ ପେସା ଗ୍ରାମ ସଭା କୋ-ଅଡିନେସନର ସଭାପତି ଭଞ୍ଜକୁଲ ପାଣ୍ଡୁରାମ ହେମ୍ବ୍ରମ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଛନ୍ତି।

୧୫ବର୍ଷ ଧରି ଦିନକୁ ୧୦୦ଟଙ୍କା ମଜୁରୀ ପାଉଥିବା ଏହି ଶିକ୍ଷକମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ଅସନ୍ତୋଷ ଦାନା ବାନ୍ଧୁଛି। ସାନ୍ତାଳ ସମାଜର ମାଝୀ ପାରଗାନା, ସାନ୍ତାଳୀ ଅଭିଭାବକ କ୍ରିୟାନୁଷ୍ଠାନ କମିଟି, ସାନ୍ତାଳୀ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ସାନ୍ତାଳୀ ଏକାଡେମୀ ଓଡ଼ିଶା, ଛାତ୍ର ସଙ୍ଗଠନ ଓ ଆଦିବାସୀ ସାମାଜିକ ଶିକ୍ଷା ସଂଘର ବିଭିନ୍ନ ଶାଖାର କର୍ମକର୍ତ୍ତାମାନେ ଧାରଣାସ୍ଥଳରେ ପହଞ୍ଚି ଶିକ୍ଷକମାନଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି। ନିୟମିତ ଶିକ୍ଷକ ମାନ୍ୟତା ପ୍ରଦାନ ପାଇଁ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଅଧିକାରୀ ଅଦ୍ୟାବଧି ସେମାନଙ୍କ ସହ ଆଲୋଚନା ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶିକ୍ଷକମାନେ ପ୍ରକାଶ କରିଛନ୍ତି। ସରକାରୀ ନୀତିନିୟମ ଅନୁଯାୟୀ ସମସ୍ତ ଯୋଗ୍ୟତା ହାସଲ କରିବା ପରେ ମଧ୍ୟ ଆଦିବାସୀଙ୍କ ପ୍ରତି ଅଣଦେଖା କରାଯାଉଛି ବୋଲି ସଂଘର ନେତୃବୃନ୍ଦ ପ୍ରକାଶ କରିଛନ୍ତି। ତେବେ ଦାବି ପୂରଣ ନ ହେଲେ ଆସନ୍ତା ୨୦ତାରିଖଠାରୁ ଜିଲା ପ୍ରକଳ୍ପ କାର୍ଯ୍ୟାଳୟକୁ ତାଲା ପକାଇ କାର୍ଯ୍ୟବନ୍ଦ କରାଯିବ। ଦାବି ପୂରଣ ନହେଲେ ନଭେମ୍ବର ୧୫ତାରିଖରୁ ପୋଖରିଆଠାରୁ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ନିଯୁକ୍ତିପତ୍ର ଫେରାଇବା ସହ ଶିକ୍ଷକ ପୋଷାକ ଅବତରଣ କରି ଚରମ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶିକ୍ଷକ ସଂଘ ପକ୍ଷରୁ କଡ଼ା ଚେତାବନୀ ଦେଇଛନ୍ତି।


ଧାରଣାସ୍ଥଳରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# 'ନିଜସ୍ୱ ଗୁଣରେ ଅନନ୍ୟ ହୁଅ'


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଏବଂ ଅତିଥିମାନେ।

■ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

କେନ୍ଦୁଝର, ୧୭।୧୦ (ଡି.ଏନ୍.ଏ./ସ୍ୱ.ପ୍ର)

ତୁମର କୌଣସି ବିକଳ୍ପ ନାହିଁ। ତୁମେ ନିଜସ୍ୱ ଗୁଣରେ ପୃଥିବୀକୁ ଆସିଛ। ଏଣୁ କାହାରିକୁ ଅନୁକରଣ ନ କରି ନିଜ ଭିତରେ ଥିବା ଶକ୍ତି, ସାମର୍ଥ୍ୟ ଓ ପ୍ରତିଭାକୁ ଉପଯୋଗ କରି ନିଜକୁ ପ୍ରତିଷ୍ଠିତ କର। କାହାକୁ ଅନୁକରଣ କରନି, ନିଜସ୍ୱ ଗୁଣରେ ଅନନ୍ୟ ହୁଅ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସି ସଦର ବ୍ଲକ୍ ଅନ୍ତର୍ଗତ ଡିମ୍ବୋ ଗ୍ରାମସ୍ଥିତ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଛଳରେ କହିଥିଲେ।

ସେହିପରି ମାତାପିତା, ଅଭିଭାବକ ଏବଂ ଶିକ୍ଷକ ସମାଜକୁ ରାଜ୍ୟପାଳ କହିଥିଲେ ଯେ, ଶିଶୁମାନଙ୍କ ଉପରେ କୌଣସି ସ୍ୱପ୍ନ ଓ ବୋଝ ଲଦି ଦିଅନ୍ତୁ ନାହିଁ। ପିଲାମାନଙ୍କୁ ମୁକ୍ତ ଭାବରେ ସ୍ୱାଭାବିକ ଢଙ୍ଗରେ ବିକଶିତ ହେବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରନ୍ତୁ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ରାଜ୍ୟପାଳ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ସମାଜ, ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ସ୍ମରଣିକା 'ସ୍ୱର୍ଣ୍ଣକାନ୍ତି' ରାଜ୍ୟପାଳଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ସମାରୋହରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ରାଜ୍ୟପାଳଙ୍କୁ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଦ୍ୟାଳୟର ୫ ଜଣ ପ୍ରାକ୍ତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲାସ୍ତରୀୟ ସାହିତ୍ୟ ପ୍ରତିଯୋଗିତା

ଯୋଡ଼ା,୧୭।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅଧୀନ ଜିଲିଙ୍ଗସ୍ଥ ଡିଏଭି ଓମ୍‌ସ ପବ୍ଲିକ ସ୍କୁଲ୍ ଆନୁକୂଲ୍ୟରେ ଶନିବାର ଏକ ଜିଲାସ୍ତରୀୟ ଆନ୍ତଃ-ବିଦ୍ୟାଳୟ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୌମେନ୍ଦ୍ର ନାୟକଙ୍କ ଦିଗ୍‌ଦର୍ଶନରେ ସାହିତ୍ୟ କୁଇଜ, କବିତା ଆବୃତ୍ତି, ଗଳ୍ପ କଥନ ଓ ପୁସ୍ତକ ସମୀକ୍ଷା ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାରେ ଲହଣ୍ଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଯୋ ସେଣ୍ଟ ଟେରେସା ସ୍କୁଲ୍ ଓ ଟାଟା ଡିଏଭି ପବ୍ଲିକ ସ୍କୁଲ, ଜଜାଙ୍ଗସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଜୁରୁ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଜିଲିଙ୍ଗର ଡିଏଭି ଓମ୍‌ସ ପବ୍ଲିକ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲିଙ୍ଗ ସ୍ଥିତ ଲଙ୍ଗାଲୋଟା ମାଇନିଂର ବରିଷ୍ଠ ପରିଚାଳକ ଚିନ୍ମୟ ପରି ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଡିଏଭି ଓମ୍‌ସ ପବ୍ଲିକ ସ୍କୁଲର ବରିଷ୍ଠ ଇଂରାଜୀ ଶିକ୍ଷକ ପ୍ରସନ୍ନ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ଟାଟା ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ବି. ସାଇଶିବା, ଜଜାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚକ୍ରଧର ନାୟକ, ଜୁରୁ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଜୟ ପଟ୍ଟନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ଶୁଭମ୍


@ରଶ୍ମୀ


@ପ୍ରମିଳା


@ଅନିଲ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଶିଳ୍ପ ଉଦ୍ୟାନ ବିରୋଧରେ ଚାଷୀ ମେଳି

ଚାନ୍ଦବାଲି, ୧୭।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ନିକଟସ୍ଥ ବଳଭଦ୍ରପ୍ରସାଦ, ଲକ୍ଷ୍ମୀପ୍ରସାଦ ଓ ଜଗନ୍ନାଥ ପ୍ରସାଦରେ ହେବାକୁ ଥିବା ଶିଳ୍ପ ଉଦ୍ୟାନକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ। କୌଣସି ପରିସ୍ଥିତିରେ ନିଜର ଭିଟାମାଟି, ଚାଷଜମି ଏବଂ ବାସଗୃହ ସରକାରଙ୍କ ହାତକୁ ଟେକି ଦେବେ ନାହିଁ ବୋଲି ଏହି ଶିଳ୍ପ ଉଦ୍ୟାନ ବିରୋଧରେ କଇଥଖୋଲା ବାତ୍ୟା ଆଶ୍ରୟସ୍ଥଳୀଠାରେ ଅନୁଷ୍ଠିତ ଚାଷୀମେଳିରେ କୁହାଯାଇଛି। ଏନେଇ ଆଗାମୀ ଦିନରେ ଏକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ସହ ସରକାରଙ୍କୁ ସହଯୋଗ କରାଯିବ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଦୀନବନ୍ଧୁ ମହାଲିକଙ୍କ ଆବାହକତ୍ୱରେ ଗୋବିନ୍ଦ ରାଉଳ, ବିଜୟ ରାଉତ, ଅମୂଲ୍ୟ ବେହେରା, ନକୁଳ ସେଠୀ ପ୍ରମୁଖ ଯୋଗଦେଇ ଶତାଧିକ ଏକର ସରକାରୀ ଜମି ଏହି ଅଞ୍ଚଳରେ ଥିବା ସତ୍ତ୍ୱେ ସରକାର ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ହାତେଇ ନେବାକୁ ଚେଷ୍ଟା ଚଳାଇଛନ୍ତି ବୋଲି କହିଥିଲେ। ଆଗାମୀ ଦିନରେ ନିଜର ଭିଟାମାଟି ହରାଉଥିବା ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଦରକାର ପଡ଼ିଲେ ପୋସ୍କୋ ଭଳି ନିଜର ଜୀବନ ମଧ୍ୟ ହରାଇବାକୁ ପଛାଇବେ ନାହିଁ ବୋଲି ମତପ୍ରକାଶ ପାଇଥିଲା। ସରକାର ଜମି ମାଲିକମାନଙ୍କୁ ଜମି ଛାଡ଼ିବା ପାଇଁ ଦେଇଥିବା ନୋଟିସ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଜାଗୁଲା ତଥା କଇଥଖୋଲା ପଞ୍ଚାୟତର ଅଶୋକ କୁମାର ଦିନ୍ଦା, ବୃନ୍ଦାବନ ମଣ୍ଡଳ, ପ୍ରଦୀପ ଦାସ, ରବୀନ୍ଦ୍ର ମଣ୍ଡଳ, ଦିବାକର ବିଶ୍ୱାଳଙ୍କ ସମେତ ଶତାଧିକ ଚାଷୀ ମେଳିରେ ଯୋଗ ଦେଇଥିଲେ।

# ପୋଡ଼ି ହୋଇ ମହିଳା ଗୁରୁତର

ସୋର, ୧୭।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଡିଖୁଲା ଗ୍ରାମରେ ଗତ ରବିବାର ରାତିରେ ନିଆଁରେ ପୋଡ଼ି ହୋଇ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମର ଅଶୋକ ସିଂଙ୍କ ସ୍ତ୍ରୀ ଶୁକମୁକା (୩୦) ରବିବାର ରାତିରେ ତାଙ୍କ ସ୍ୱାମୀ ଏବଂ ପିଲାଙ୍କୁ ଖାଇବାକୁ ଦେଇ ଚୁଲି ନିକଟକୁ ତରକାରୀ ଆଣିବାକୁ ଯାଇଥିଲେ। ହଠାତ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗିଯିବାରୁ ଅଶୋକ ତାଙ୍କ ଉପରେ ଏକ କନ୍ଥା ଘୋଡାଇ ପକାଇଥିଲେ। ପଡୋଶୀଙ୍କୁ ଡାକି ଖାଦାନ ସଙ୍ଘ ଆମ୍ବୁଲାନ୍ସରେ ସୋର ମେଡ଼ିକାଲକୁ ଆଣିଥିଲେ। ସେଠାରେ ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ଡାକ୍ତର ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏଥିରେ ମହିଳାଙ୍କ ସ୍ୱାମୀଙ୍କ ହାତ ସହିତ ଦେହର ବିଭିନ୍ନ ସ୍ଥାନରେ ନିଆଁ ଆଘାତ ଲାଗିଛି।

# ଦୁର୍ନୀତିର ବଶବର୍ତ୍ତୀ ନ ହେବାକୁ ପରାମର୍ଶ

ବାଲେଶ୍ୱର ଅଫିସ, ୧୭।୧୦

ବାଲେଶ୍ୱର ସହରସ୍ଥିତ ରୋଟାରୀ ଭବନ ସମ୍ମିଳନୀ କକ୍ଷରେ ରୋଟାରୀ କ୍ଲବ ବାଲେଶ୍ୱର ଓ ୟୁନିଅନ୍ ବ୍ୟାଙ୍କ କ୍ଷେତ୍ରୀୟ ଶାଖା ପକ୍ଷରୁ ମିଳିତ ସହଯୋଗରେ ଏକ ଦୁର୍ନୀତି ନିବାରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ତରଫରୁ ପାଳନ କରାଯାଇଥିବା ସଚେତନତା ଶିବିରରେ ରାଷ୍ଟ୍ରାୟତ୍ତ ୟୁନିଅନ୍ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ନିରଞ୍ଜନ ବାରିକ ଯୋଗଦେଇ ଏହାର ଉତ୍ସ ଓ ନିରାକରଣ ବିଷୟରେ ମତାମତ ରଖିଥିଲେ।

କ୍ଲବ ସଭାପତି ଇଂ. ସୌରଭ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁଖମୟ ଦାସ ସଚେତନ ଓ ସତର୍କ ରହିବାକୁ ସୂଚନା ଦେଇଥିଲେ। ବ୍ୟାଙ୍କର ସତର୍କତା ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ ଉପସ୍ଥିତ ଦର୍ଶକଙ୍କୁ ନିଜେ ଦୁର୍ନୀତିରେ ବଶବର୍ତ୍ତୀ ହୋଇ ଆର୍ଥିକ ଲୋଭରେ ବାନ୍ଧି ନ ହେବାକୁ ପରାମର୍ଶ ଦେଇଥିଲେ। ବ୍ୟାଙ୍କର ସମସ୍ତଙ୍କ ଦ୍ୱାରା ଦୁର୍ନୀତି ବିରୋଧୀ ଲିଖିତ ଶପଥ ପାଠ କରାଯାଇଥିଲା। ବ୍ୟାଙ୍କ ଓ କ୍ଲବ ପକ୍ଷରୁ ସ୍ଥାନୀୟ ପବ୍ଲିକ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ବ୍ୟାଙ୍କ ବରିଷ୍ଠ ଶାଖା ପରିଚାଳକ ମିହିର କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରୀ କ୍ଲବ କର୍ମକର୍ତ୍ତାଙ୍କ ସହ ବ୍ୟାଙ୍କର ଉପମୁଖ୍ୟ ପ୍ରବନ୍ଧକ ଗଜେନ୍ଦ୍ର ଦାସ, ଚିଫ୍ ମ୍ୟାନେଜର ମେଘରାଇ ମାରାଣ୍ଡି, ଜୀବନ ବେହେରା, ଗଣେଶ ବିଶ୍ୱାଳ, ସିଏ ଜୟନ୍ତ ବେହେରା, ସୁବ୍ରତ କର, ବ୍ୟାଙ୍କ ଓ ରାଷ୍ଟ୍ରାୟତ୍ତ ବୀମା କର୍ମଚାରୀ ସଂଘ ନେତା ଜେ ଏନ୍ ଆଶ୍ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶପଥପାଠ।

# ମଣ୍ଡପରେ ବସି ପଢ଼ିଲେ ପିଲା

■କମିଟି ସଦସ୍ୟଙ୍କୁ ଦୁର୍ବ୍ୟବହାର ପରେ ସ୍କୁଲରେ ତାଲା

ଖଇରା, ୧୭।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ତୋରାଣିପଦା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷୟିତ୍ରୀ ପରିଚାଳନା କମିଟି ସଦସ୍ୟାସଦସ୍ୟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ସଦସ୍ୟମାନେ ସୋମବାର ଗେଟରେ ତାଲା ପକାଇ ଦେଇଥିଲେ। ଫଳରେ ପିଲାମାନେ ବାଧ୍ୟ ହୋଇ ସ୍କୁଲ ସମ୍ମୁଖ ମଣ୍ଡପରେ ବସି ପାଠ ପଢ଼ିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା ଓ ଗୌରାଙ୍ଗ ମହାପାତ୍ର ପହଞ୍ଚି କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। କମିଟି ସଦସ୍ୟମାନେ ପ୍ରଧାନଶିକ୍ଷୟିତ୍ରୀ ଖାଦ୍ୟ ସାମଗ୍ରୀ ବିଶେଷ କରି ଅଣ୍ଡା ବାଟମାରଣା କରି ଘରକୁ ନେଇଯାଉଥିବାରୁ ତାଙ୍କୁ ବଦଳି କରିବାକୁ ଦାବି କରିଥିଲେ। ଅଧିକାରୀ ଯଥାସମ୍ଭବ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟ ଗେଟ ତାଲା ଖୋଲିଥିଲା ଓ ପାଠପଢ଼ା ସ୍ୱାଭାବିକ ହୋଇଥିଲା।

ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପିଲାମାନଙ୍କୁ ନିମ୍ନମାନର ଖାଦ୍ୟ ଦେବା, ନିର୍ଦ୍ଧାରିତ ଦିବସରେ ଅଣ୍ଡା ଦିଆ ନ ଯିବା ପରେ କମିଟି ସଦସ୍ୟମାନେ ଉକ୍ତ ଅଭିଯୋଗର ସତ୍ୟତା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କ ନିକଟରୁ ଜାଣିବାକୁ ଚାହିଁଥିଲେ। ହେଲେ ସେ ଉତ୍ତର ଦେବା ପରିବର୍ତ୍ତେ ସଦସ୍ୟମାନଙ୍କୁ ଦୁର୍ବ୍ୟବହାର କରିବା ନେଇ କମିଟି ସଭାପତି ଶିବଶଙ୍କର ସୁତାର ଓ ଅନ୍ୟମାନେ ଖଇରା ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଅଧିକାରୀ କିଛି ନ ବୁଝିବା ଅଭିଯୋଗରେ କମିଟି ଓ ଗ୍ରାମବାସୀ ତାଲା ପକାଇ ଜଗିରହିଥିଲେ।


ଗେଟରେ ତାଲା ପଡିବା ପରେ ପିଲାମାନେ ସ୍କୁଲ ସମ୍ମୁଖ ମଣ୍ଡପରେ ପାଠ ପଢୁଛନ୍ତି।

## ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

ଉଦଳା,(ଡି.ଏନ.ଏ.)- ଉଦଳା ଏନ୍‌ଏସି ଅଧୀନ ୧ ନଂ. ୱାର୍ଡରେ ସୋମବାର ସ୍ପଷ୍ଟ ଦିବାଲୋକରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ ହୋଇଛି। ମଧ୍ୟାହ୍ନରେ ସ୍ଥାନୀୟ ଅଞ୍ଚଳର ରାନାରାଣୀ ସେଠୀ ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାମ୍ନା ରାସ୍ତାରେ ଚାଲିଚାଲି ଯାଉଥିଲା ବେଳେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ବେକରେ ପିନ୍ଧିଥିବା ଲକ୍ଷାଧିକ ଟଙ୍କାର ସୁନାଚେନ ଛିଣ୍ଡାଇ ନେଇ ପଳାଇଥିଲେ। ଖବର ପାଇ ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ଆଜି କ'ଣ କେଉଁଠି

ବାଲେଶ୍ୱର
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର। ସ୍ଥାନ: ଔପଦା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସେନା କର୍ମଚାରୀଙ୍କୁ ଗାର୍ଡ ଅଫ୍ ଅନର

ମୋରଡା,୧୭।୧୦(ଡି.ଏନ.ଏ. )
ଭାରତୀୟ ସେନାର ୧୫୧ ଏଡିଡି ରେଜିମେଣ୍ଟର ହାବିଲଦାର ଭାବେ ଗଞ୍ଜାମ ଜିଲାର ଗୋପାଳପୁରଠାରେ କାର୍ଯ୍ୟରତ ଯାମିନୀକାନ୍ତ ମହାନ୍ତଙ୍କ ଦେହାନ୍ତ ହୋଇଯାଇଛି। ଡ୍ୟୁଟି ସାରି ଶୋଇଥିବା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀର ଜନ୍ମ ମାଟି ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଚିତ୍ରଡ଼ାର ହଳଦୀପାଳରେ ପହଞ୍ଚିବା ପରେ ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଥିଲା। ମରଶରୀରକୁ ଏକ ଶୋଭାଯାତ୍ରାରେ ଚିତ୍ରଡା ବଜାର, ଶୀର୍ଷାପାଳ ଛକ ପରିକ୍ରମା କରାଯାଇଥିଲା। ଏଥିରେ ଶତାଧିକ ଜନ ସାଧାରଣ ସାମିଲ ହୋଇଥିଲେ। ଅନ୍ତିମ ସଂସ୍କାର ପୂର୍ବରୁ ଦିଆଯାଇଥିଲା ଗାର୍ଡ ଅଫ୍ ଅନର। ସ୍ଥାନୀୟ ଜନ ପ୍ରତିନିଧି, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ମହିଳାଙ୍କଠାରୁ ସୁନାହାର ଲୁଟି ଛୁ

ଜଳେଶ୍ୱର, ୧୭।୧୦(ଡି.ଏନ.ଏ.)- ବାସନକୁସନ ଓ ଅଳଙ୍କାର ସଫା କରିବା ନାମରେ ୨ ଯୁବକ ଜଣେ ମହିଳାଙ୍କଠାରୁ ସୁନାହାର ଲୁଟି ଛୁ ମାରିଥିବା ଜଣାପଡିଛି । ରାଇବଣିଆ ଥାନା ଅଧୀନ ଚମାରଗାଁ ପଞ୍ଚାୟତର ଚାଫଲା ଗାଁର ବିଜୟ କୁମାର ବାଗ ଭୋଗରାଇ ବ୍ଲକରେ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଘରେ ସ୍ତ୍ରୀ ଅଞ୍ଜୁଲତା ରୁହନ୍ତି । ଦୁଇ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ଘରେ ପହଞ୍ଚି କଂସାବାସନ ସଫା କରିବା ପ୍ରୟାସ କରି ତାଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ । ପ୍ରଥମେ କଂସାବାସନ ଓ ତା' ପରେ ପାଉଁଜି ସଫା କଲା ପରେ ଅଂଜୁଲତା ପିନ୍ଧିଥିବା ସୁନାହାର ସଫା ଲାଗି ଯୁବକଦ୍ୱୟ କହିଥିଲେ। ହାର ସଫା କଲା ବେଳେ ଯୁବକଦ୍ୱୟ ଗରମ ପାଣି ମାଗିବାରୁ ଅଞ୍ଜୁଲତା ଘର ଭିତରକୁ ଯାଇଥିବା ବେଳେ ଯୁବକଦ୍ୱୟ ସୁନାହାର ନେଇ ଛୁ ମାରିଛନ୍ତି ।

## ଧାନ ବିଲରେ ଟଳିପଡ଼ିଲେ ଚାଷୀ

ବେତନଟୀ,୧୭।୧୦(ସ୍ୱ.ପ୍ର.)- ବେତନଟୀ ଥାନା ଅଧୀନ ଆହାରୀ ଗ୍ରାମର ଜଣେ ଚାଷୀ ବିଲକୁ କାମ କରିବାକୁ ଯାଇଥିବା ବେଳେ ହଟାତ ଟଳି ପଡ଼ିଥିଲେ। ପରିବାର ଲୋକେ ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରିବାପରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତକ ହେଲେ ଅକ୍ଷୟ କୁମାର ମହାନ୍ତ(୭୦)। ଏନେଇ ବେତନଟୀ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୫୦/୨୨) ରୁଜୁ କରିଛି।

## ପିକ୍‌ଅପ୍ ଧକ୍କାରେ ବାଇକ ଆରୋହୀ ମୃତ

କେନ୍ଦୁଝର,୧୭।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ଥାନା ପଳାଶପଙ୍ଗା-ମଲଦା ରାସ୍ତାର କଣ୍ଡରାପଶି ପଞ୍ଚାୟତ ଧନୁର୍ଯ୍ୟୟପୁର ନିକଟରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ପଳାଶପଙ୍ଗା ଶ୍ରୀକାନ୍ତ ବାରିକ (୫୦)। ସେ ବାଇକରେ ନିଜ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ଧନୁର୍ଯ୍ୟପୁର ନିକଟରେ ପିକ୍‌ଅପ୍ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ପ୍ରକାଶ ଯେ, ଉକ୍ତ ରାସ୍ତାଟି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲେ ହେଁ ମରାମତି ହେଉ ନ ଥିବାରୁ ଲୋକମାନେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ସାରସକଣା,୧୭।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜୁ ଜନତା ଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାରସକଣା ବ୍ଲକର ଭୁରୁଷାଣୀ, ଶୀର୍ଷା, ଧାଙ୍ଗୁଡିଶୋଳ, ଜାଲଦା, ଝାରପୋଖରିଆ, ରାଜାଲୋକା, ଉମାଦେଇପୁର ଆଦି ପଞ୍ଚାୟତରେ ମୟୂରଭଞ୍ଜ ଜିଲାର ପାରମ୍ପରିକ ନୃତ୍ୟ ସହିତ ଏହି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସମୀର ବେହେରାଙ୍କ ନେତୃତ୍ୱରେ ଜିଲା ଉପସଭାପତି ଅମରେନ୍ଦ୍ର କର, ରାଜ୍ୟସଭା ଏମପି ମମତା ମହାନ୍ତ, ପୂର୍ବତନ ବିଧାୟକ ଭାଦବ ହାଁସଦା, ଅକ୍ଷୟ ସାହୁ, ଅଧକ୍ଷା ତୁଳସୀ ସିଂ, ଝାରପୋଖରିଆ ସରପଞ୍ଚ ମାଳତୀ ସିଂ, ମାନସ ପାଣି, ଅମରେନ୍ଦ୍ର ବସା, ରଜତ ମହାନ୍ତ, ପୂର୍ବତନ ସମିତି ସଭ୍ୟ ଚିନ୍ମୟ ସାହୁ, ସତ୍ୟଜିତ ଦତ୍ତ, ବିଶ୍ୱଜିତ ମହାନ୍ତି, ନିରଞ୍ଜନ ଗନ୍ତାୟତ, ଗୌତମ ସିଂ, ପିଙ୍କୁ ମିଶ୍ରଙ୍କ ସହିତ ଶତାଧିକ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# ସୂଚନା ଫଳକରେ ସୀମିତ ଡିଏମ୍‌ଏଫ୍ ରାସ୍ତା

କେନ୍ଦୁଝର,୧୭।୧୦(ସ୍ୱ.ପ୍ର.)

ଖଣି ପ୍ରଭାବିତ ଲୋକ ତଥା ଅଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ରୁ ବିଭିନ୍ନ ବିଭାଗ ଜରିଆରେ କୋଟି କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଉପଯୁକ୍ତ ତଦାରଖ ଅଭାବରୁ ଅନେକ ପ୍ରକଳ୍ପ କାମ ଆରମ୍ଭ କିମ୍ବା ଶେଷ ହୋଇପାରୁନାହିଁ। ଏଭଳି ଦେଖିବାକୁ ମିଳିଛି ସଦର ବ୍ଲକ୍ ଅନ୍ତର୍ଗତ ଟିକରପଡ଼ାଠାରୁ କୁଡ଼ିଆ ଘର ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ। ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ହେବାକୁ ଥିବା ଉକ୍ତ ରାସ୍ତା ସରିବା ତ ଦୂରର କଥା ଅବଧି ସରିଥିଲେ ମଧ୍ୟ କାମ ଆରମ୍ଭ ହୋଇ ନାହିଁ।

ଏହି ବ୍ୟୟବହୁଳ ରାସ୍ତାକାମ ସୂଚନା ଫଳକରେ ସୀମିତ ରହିଛି। ରାସ୍ତା ନିର୍ମାଣ ଆରମ୍ଭ ୩ ଜାନୁୟାରୀ ୨୦୨୨ରେ ହୋଇ ୨ଅକ୍ଟୋବର ୨୦୨୨ରେ ଶେଷ ହେବ ବୋଲି ସୂଚନା ଫଳକରେ ଲେଖାଯାଇଛି। ଖଣି ପ୍ରଭାବିତ ଅଞ୍ଚଳ ଓ ଲୋକଙ୍କ ବିକାଶ ପାଇଁ ୫ କୋଟି ୩୫ ଲକ୍ଷ ୫୬ ହଜାର ୯୭୭ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ କରିବା ଲକ୍ଷ୍ୟ ରଖାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ଅଧୀନରେ ଏହି କାମ ରହିଛି। କିନ୍ତୁ ଉପଯୁକ୍ତ ତଦାରଖର ଅଭାବ ଏବଂ ଠିକା ସଂସ୍ଥାର ମନମାନି ଯୋଗୁ ରାସ୍ତା କାମ ଆରମ୍ଭ ହୋଇପାରୁନି। ଏହି ରାସ୍ତା ହେଲେ ନାଉପଦା, ସଲରାପେଣ୍ଠ, ମଦରଙ୍ଗାଯୋଡ଼ି, କାଳିମାପୁର, କୁଡ଼ିଆଘର ଆଦି ଗ୍ରାମର ଲୋକମାନେ ଉପକୃତ ହେବେ। ମାତ୍ର କାମ ହୋଇ ନ ଥିବାରୁ ବର୍ଷା ହେଲେ ଲୋକମାନେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି।


ଶୋଚନୀୟ ହୋଇପଡିଥିବା ଟିକରପଡ଼ା ରାସ୍ତା।

### ଅବଧି ସରିଲା, କାମ ଆରମ୍ଭ ହେଲାନି

ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଟିକରପଡ଼ା ଗ୍ରାମର ବୟୋଜ୍ୟେଷ୍ଠ ବିକ୍ରମ ଚରଣ ବେହେରା କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି ଯେ, ଏସବୁ କାମର ସମୀକ୍ଷା ବିଧାୟକ ତଥା ଅନ୍ୟ ଲୋକ ପ୍ରତିନିଧିମାନେ କରୁନାହାନ୍ତି। କାମ ପାଇଁ ପ୍ରଶାସନ ନିକଟରେ ଚାପ ପକାଉ ନ ଥିବାରୁ କାମ ହୋଇପାରୁନାହିଁ। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରିଆସୁଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ କାମ କରିବାକୁ ଦାବି କରିଛନ୍ତି। ନଚେତ୍ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ଗ୍ରାମୀଣ ସାହିତ୍ୟର ସ୍ୱାଦ ନିଆରା



ଅତିଥିମାନେ 'ରାଜଉଆସର ରାଜନନ୍ଦିନୀ' ପୁସ୍ତକ ଲୋକାର୍ପଣ କରୁଛନ୍ତି।

### ଶାରଦୀୟ ସାରସ୍ୱତ ସମାରୋହରେ ୩ ପୁସ୍ତକ ଲୋକାର୍ପିତ

ବାସୁଦେବପୁର, ୧୭।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ମା' ଭେଡ଼ାନାୟକାଣୀ ମନ୍ଦିର ପରିସରରେ ରବିବାର ସାହିତ୍ୟ ଅନୁଷ୍ଠାନ ବାଇଚଢ଼େଇର ବାର୍ଷିକ ବିଶେଷାଙ୍କ ସହ କବି ଶ୍ୟାମସୁନ୍ଦର ପଳିତାଙ୍କ କବିତା ପୁସ୍ତକ 'ରାଜଉଆସର ରାଜନନ୍ଦିନୀ' ଓ କବି ଶିବ ପ୍ରସାଦ ରାଉତଙ୍କ 'ଅମୃତଝର'ର ଲୋକାର୍ପଣ ହୋଇଯାଇଛି। ଏହି ଅବସରରେ ସାରସ୍ୱତ ସମାରୋହ, କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବାଇଚଢ଼େଇର ସମ୍ପାଦକ ବିକାଶ କୁମାର ଶତପଥୀ ସ୍ୱାଗତ ବିବରଣୀ ପ୍ରଦାନ କରିଥିଲେ। ସଭାପତି କବି ସୁଦର୍ଶନ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହକୁ ଶିକ୍ଷାବିତ୍ ନିରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ କୁମାର ନାୟକ ଯୋଗଦେଇ ଗ୍ରାମୀଣ ସାହିତ୍ୟର ସ୍ୱାଦ ନିଆରା ବୋଲି ମତ ରଖିବା ସହ ସମାଜ ହିତରେ ସାହିତ୍ୟ ରଚନା ହେବା ଦରକାର ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ପ୍ରଫେସର ରାଜକିଶୋର ସାହୁ ଏବଂ ଅନ୍ୟତମ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଭରତ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଦୁଃଶାସନ ରାଉତ, କବି ଶ୍ୟାମସୁନ୍ଦର ପଳିତା, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ପ୍ରାଧ୍ୟାପକ ବିଷ୍ଣୁମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଭଗବାନ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ସଂଯୁକ୍ତା ଭାରତୀ ଓ ଅଭୟ ଦାସ କବିତା ସଂଯୋଜନା କରିଥିଲେ। ଅତିଥି ଭାବେ ନିତ୍ୟାନନ୍ଦ ମଲିକ, ଭାଗୀରଥି ସ୍ୱାଇଁ, ଶରତ ଖଟୁଆ, ନିରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ୫୦ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ ନିଜର କବିତା ପାଠ କରିଥିଲେ। ସୌମେନ୍ଦ୍ର ପଣ୍ଡୁଆ ଅତିଥି ପରିଚୟ ପ୍ରଦାନ ଓ ବାଇଚଢ଼େଇ ସମ୍ପାଦକ ଶତପଥୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସଞ୍ଜୟ ଜେନା ଧନ୍ୟବାଦ ଦେଇଥିଲେ।

# ଔଷଧ ବ୍ୟବସାୟୀଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ



ଡିଷ୍ଟ୍ରିକ୍ଟ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନର ସାଧାରଣ ସଭାରେ ଉପସ୍ଥିତ ଅତିଥି।

ଭଦ୍ରକ ଅଫିସ, ୧୭।୧୦

ଭଦ୍ରକ ଡିଷ୍ଟ୍ରିକ୍ଟ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନର ତ୍ରୟବାର୍ଷିକ ସାଧାରଣ ସଭା ଭଦ୍ରକ ଶହୀଦ୍ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଅନ୍ୟତମ ଅତିଥି ଭାବେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ଔଷଧ ବ୍ୟବସାୟୀମାନେ ଦୈନନ୍ଦିନ ବ୍ୟବସାୟରେ ଭୋଗୁଥିବା ବହୁ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଥିଲେ। ରାଜ୍ୟ ସଂଘର ସଭାପତି ପି. ସତ୍ୟନାରାୟଣ ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଯୋଗଦେଇ ଔଷଧ ବ୍ୟବସାୟର ବର୍ତ୍ତମାନ ସ୍ଥିତି ତଥା ଭବିଷ୍ୟତରେ ବ୍ୟବସାୟୀମାନେ ସମ୍ମୁଖୀନ ହେବାକୁ ଯାଉଥିବା ପ୍ରମୁଖ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଖୋର୍ଦ୍ଧା, କଟକ, ପୁରୀ, ଅନୁଗୋଳ, କେନ୍ଦୁଝର, ବାଲେଶ୍ୱର ଜିଲାର ସଭାପତି, ସମ୍ପାଦକ ଓ ବରିଷ୍ଠ ସଭ୍ୟମାନେ ସଭାରେ ଯୋଗ ଦେଇଥିଲେ। ଆଗାମୀ ୩ ବର୍ଷ ନିମନ୍ତେ ଜିଲା ଆସୋସିଏଶନର ସଭାପତି ଭାବେ ବାଉଲି ଚରଣ ବାରିକ, ସମ୍ପାଦକ ଦୀପକ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଆଶିଷ ଅମିତାଭ ମହାପାତ୍ର ଓ ସଙ୍ଗଠନ ସମ୍ପାଦକ ଭାବେ ଧୀରେନ୍ଦ୍ର କୁମାର ସାହୁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଆସୋସିଏଶନର ସଭ୍ୟ ଦେବେନ୍ଦ୍ର ବେହେରା, ପ୍ରଦୀପ ସିହ୍ନା, ରତନ ବେହେରା, ଶୁଭ୍ରାଂଶୁ ଭୂଷଣ ଦାସ, ପ୍ରିୟବ୍ରତ ପାଣିଗ୍ରାହୀ, ସୁବ୍ରତ ଦୀକ୍ଷିତ, ସନ୍ତୋଷ ନାୟକ, ଅଜୟ ପଣ୍ଡା ପ୍ରମୁଖ ସଭାରେ ସହଯୋଗ କରିଥିଲେ।

## ବର୍ଣ୍ଣାଢ୍ୟ ପରିବେଶରେ ଲୋକାର୍ପଣ ହେଲା 'ବର୍ଣ୍ଣାଳୀ'

ଭଦ୍ରକ ଅଫିସ,୧୭।୧୦

ସମ୍ପାଦନାର କଳା ଓ ସମ୍ପାଦକଙ୍କ ଦାୟିତ୍ୱବୋଧତା ଏକ ପତ୍ରିକାକୁ ଉନ୍ନତ ପରିପାଟୀ ଓ ଉଚ୍ଚ ମୂଲ୍ୟବୋଧ ସମ୍ପନ୍ନ କରି ଗଢ଼ି ତୋଳିବା ସହ ପାଠକୀୟ ଆଦୃତି ଲାଭ କରିଥାଏ ବୋଲି ସାହିତ୍ୟ ପତ୍ରିକା 'ବର୍ଣ୍ଣାଳୀ'ର ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପଠାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରଫେସର ବଳରାମ ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ ବର୍ଷୀୟାନ ସାହିତ୍ୟିକ ତଥା ବର୍ଣ୍ଣାଳୀର ପ୍ରକାଶକ ତିହିଡ଼ି ଲେଖକ ସାମ୍ମୁଖ୍ୟର ସଭାପତି ଭଗବାନ ନାୟକ, ମୁଖ୍ୟବକ୍ତା ଅଧ୍ୟାପକ ଡ. ଅଭୟ କୁମାର ଦାସ ଓ ଅନ୍ୟତମ ଅତିଥି ଭାବେ ନାଟ୍ୟକାର ବିଜୟ ଦାସ ଯୋଗ ଦେଇଥିଲେ। ବର୍ଣ୍ଣାଢ୍ୟ ପରିବେଶରେ ଏହି ପତ୍ରିକା ଲୋକାର୍ପଣ ହୋଇଛି। ସ୍ତମ୍ଭକାର ଅଭୟ ଦ୍ୱିବେଦୀ ପତ୍ରିକାର ସମୀକ୍ଷା କରିଥିବା ବେଳେ ତ୍ୟାଗଭୂମିର ସଙ୍ଗଠନ ସମ୍ପାଦକ ସୁଧାକର ରାଉତ ଅତିଥିଙ୍କୁ ମଞ୍ଚ ଆହ୍ୱାନ ଓ କବି ଡ. ମମତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତିହିଡ଼ି ଲେଖକ ସାମ୍ମୁଖ୍ୟର ସମ୍ପାଦକ ରାମ ନାରାୟଣ ନାୟକ ବିଭୂତି ସେନାପତିଙ୍କ ସମ୍ପାଦନାରେ ପ୍ରକାଶ ପାଇଥିବା ବର୍ଣ୍ଣାଳୀର ଆଭିମୁଖ୍ୟ ପ୍ରକାଶ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ତ୍ୟାଗଭୂମିର ସଦସ୍ୟ ଗୌରାଙ୍ଗ ଚନ୍ଦ୍ର ବାରିକ, ଅରୂପ ନାୟକ ଓ ଅଶୋକ ଦାସ। ପ୍ରଫେସର ଗୋଲକ ସାହୁ, ଆଇନଜୀବୀ ଗଦାଧର ବଳ, ପ୍ରଫେସର ରାଜକିଶୋର ସାହୁ, କବି ଅଭିଜିତ ନାୟକ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଉତ୍ସବରେ ଯୋଗ ଦେଇଥିଲେ। ଗାଳ୍ପିକ ନୀଳମାଧବ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ସେବା, ତ୍ୟାଗ ହିଁ ପ୍ରକୃତ ଶିକ୍ଷା'



ଅତିଥିଙ୍କ ଗହଣରେ ସ୍ୱେଚ୍ଛାସେବୀ।

### ପୂଜାକାଳୀନ ସ୍ୱତନ୍ତ୍ର ସେବା ଶିବିର

ରୂପସା,୧୭।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ୟୁନିଟ ଆନୁକୁଲ୍ୟରେ ବାରାପାଳ ସ୍ଥିତ ରାଧାକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ପୂଜାକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଅସୀମ ଅମିତାଭ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା, ତ୍ୟାଗ ହିଁ ପ୍ରକୃତ ଶିକ୍ଷା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ଶାନ୍ତନୁ କୁମାର ଜେନା ଓ ଶ୍ରବଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା।

ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା, ଡ. ଭାସ୍କର ଜେନା, ଡ. ଅସିତ କୁମାର ପ୍ରଧାନ, ପ୍ରଶାନ୍ତ ରାଉତ, ଉତ୍ତମ କୁମାର ନାୟକ, ସରୋଜ କୁମାର ପାଣି, ଭବାନୀ ଶଙ୍କର ଭୋଇ, ଡ. ଦିଲ୍ଲୀପ କୁମାର ଭୋଇ, ଭବେଶ ଚନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ମହାପାତ୍ର, ସମାଜସେବୀ ସୁମନ୍ତ ଜେନା, ସତ୍ୟେନ୍ଦ୍ର କୁମାର ପାଲ, ଶମ୍ଭୁନାଥ ଗିରି, ଦାଶରଥି ରାଉତ, ଅନ୍ତର୍ଯ୍ୟାମୀ ରାଉଳ, ଚକ୍ରଧର ଆଚାର୍ଯ୍ୟ ଓ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ। ମନ୍ମଥ ଦଳେଇଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ, ଗୌରୀଶଙ୍କର ମହାକୁଡଙ୍କୁ ଶ୍ରେଷ୍ଠ କର୍ମୀ ଓ ଯଜ୍ଞେଶ୍ୱର ଗିରିଙ୍କୁ ଶ୍ରେଷ୍ଠ ଗ୍ରୁପ ଲିଡ଼ର ଭାବେ ପୁରସ୍କୃତ କରାଯାଇଥିଲା। ଦେବେନ୍ଦ୍ର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟର ତାଲିକା ମାଗିଲେ ପରାମର୍ଶଦାତା କମିଟି

### ଟ୍ରକ୍ ସଂଘ ନିର୍ବାଚନ ପ୍ରସଙ୍ଗ

କେନ୍ଦୁଝର,୧୭।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ନଭେମ୍ବର ୧, ୨୦୨୨ରେ ନିର୍ବାଚନ କରିବାକୁ ନିଷ୍ପତ୍ତି ହୋଇଥିଲେ ହେଁ ଅଦ୍ୟାବଧି ଭୋଟର ତାଲିକା ପ୍ରସ୍ତୁତ କରି ହସ୍ତାନ୍ତର କରାଯାଇନାହିଁ। ଏ ନେଇ ସଂଘ ସାମ୍ବିଧାନିକ ନିୟମ ମୁତାବକ ପରାମର୍ଶଦାତା କମିଟି ସଂଘର ସମ୍ପାଦକଙ୍କୁ ସଦସ୍ୟ ତଥା ଭୋଟର ତାଲିକା ହସ୍ତାନ୍ତର କରିବାକୁ ଚିଠି କରିଛନ୍ତି। ସଂଘର କାର୍ଯ୍ୟକାଳ ଶେଷ ହେବା ପରେ ଅତିରିକ୍ତ ଜିଲାପାଳ ତଥା ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ସୁଷମା ବିଲୁଙ୍ଗ ପରିଚାଳନା କମିଟି କାର୍ଯ୍ୟକାଳ ଶେଷ ହୋଇଥିବା ଘୋଷଣା କରିଥିଲେ। ପରାମର୍ଶଦାତା କମିଟିକୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚିଠି ନମ୍ବର ୧୬୫୪/୨୫ ଅଗଷ୍ଟ୨୦୨୨ରେ ଆଦେଶ ଦେଇଥିଲେ। ତେବେ ଅଦ୍ୟାବଧି ସଂଘ ପରିଚାଳନା କମିଟି ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଅତିରିକ୍ତ ଜିଲାପାଳ ଦାୟିତ୍ୱ ନେଇ ୩୦ ସେପ୍ଟେମ୍ବର ସୁଦ୍ଧା ନିର୍ବାଚନ କରିବାକୁ ପରାମର୍ଶଦାତା କମିଟିକୁ ଉକ୍ତ ଚିଠିରେ ଜଣାଇଥିଲେ । ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏବେ ସଂଘର ସମ୍ବିଧାନର ରୁଲ୍ ୪(ସି) ୧ ଏପ୍ରିଲ୍ ୨୦୧୫ରେ ଉଲ୍ଲେଖ କ୍ଷମତା ବଳରେ ପରାମର୍ଶଦାତା କମିଟିର ସଦସ୍ୟ କୈଳାସ ଚନ୍ଦ୍ର ପଣ୍ଡା ଏବଂ ଗୋପାଳକୃଷ୍ଣ ପରିଡ଼ା ୧୪ ଅକ୍ଟୋବର ୨୦୨୨ରେ ସଂଘର ସମ୍ପାଦକ ସୂର୍ଯ୍ୟନାରାୟଣ କରଙ୍କୁ ସଦସ୍ୟ ବା ଭୋଟର ତାଲିକା ହସ୍ତାନ୍ତର କରିବାକୁ ଚିଠି କରିବା ପରେ ନିର୍ବାଚନ ଆଶା ଉଜ୍ଜୀବିତ ହୋଇଛି।

# ବ୍ରହ୍ମଲୀନ ବାବା ଓଁକାର ମୁନୀଙ୍କୁ ଶ୍ରଦ୍ଧାଞ୍ଜଳି

ଖଇରା,୧୭।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀର ପ୍ରସିଦ୍ଧ ଶକ୍ତିପୀଠ ଅମ୍ବିକା ଉଦାସୀନ ଆଶ୍ରମର ପ୍ରତିଷ୍ଠାତା ବ୍ରହ୍ମଲୀନ ବାବା ଓଁକାର ମୁନୀ ଉଦାସୀନଙ୍କ ପ୍ରଥମ ପୁଣ୍ୟତିଥି ପାଳିତ ହୋଇଯାଇଛି। ପ୍ରଥମ ଦିନ ମଙ୍ଗଳ ଚଣ୍ଡୀ ଓ ହୋମ, ଦ୍ୱିତୀୟ ଦିବସରେ ଗୀତା ଯଜ୍ଞ ଓ ନୟାଗଡ଼ରୁ ଆସିଥିବା ବିଶିଷ୍ଟ ପ୍ରବଚକ ମହନ୍ତ ଭଗବାନ ଦାସ ଭାଗବତ ଆଲୋଚନା କରିଥିଲେ। ଅନ୍ତିମ ଦିବସରେ ନବ ନିର୍ମିତ ସମାଧି ସ୍ମୃତି ପ୍ରତିଷ୍ଠା କରାଯାଇଥିଲା । ଉଦାସୀନ ପରମ୍ପରା ଅନୁସାରେ ଓଡ଼ିଶା ଓ ଓଡ଼ିଶା ବାହାରୁ ଆସିଥିବା ସାଧୁସନ୍ଥ ଅମରକଣ୍ଟକର ହରସ୍ୱରୂପ ଦାସ, ମହନ୍ତ ଶ୍ରୀ ହନୁମାନ ଦାସ, ନିହାଲବାଡ଼ିର ମହନ୍ତ ନିରଞ୍ଜନ ମୁନୀଜି, ପୁରୀର ଭବାନୀ ଶଙ୍କର ଦାସ ଓ ମୁକ୍ତିମଣ୍ଡପ ବ୍ରାହ୍ମଣ, ବଲାଙ୍ଗୀର ପାଟଣାଗଡ଼ର ପ୍ରକାଶ ନନ୍ଦ, ସଦାଶିବ ଦାସ, ଯାଜପୁରର ଶ୍ରୀ ରାଜରାଜେଶ୍ୱର ପୁରୀ, କୁଜଙ୍ଗର ବାନା ବାବା ଯୋଗଦେଇ ଦିବଙ୍ଗତ ବାବାଙ୍କ ବିଗ୍ରହ ସ୍ଥାପନା କରିଥିଲେ। ୩ଦିନ ଧରି ବେଦମନ୍ତ୍ର ପାଠରେ ଅମ୍ବିକା ଆଶ୍ରମ ପରିସର ଓ କୁପାରୀ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ଉଦାସୀନ ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ ।



## ୫ ଶହ ବୋତଲ ଜିଞ୍ଜର ଜବତ, ୨ ଗିରଫ

ବାଲେଶ୍ୱର ଅଫିସ, ୧୭।୧୦

ବାଲେଶ୍ୱର ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶରେ ସୋମବାର ପୂର୍ବାହ୍ନରେ ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ଅଧିକାରୀ ଗାଲୁରାମ ସୋରେନଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଓ ସୋର ଅବକାରୀ ଟିମ୍ ପକ୍ଷରୁ ସେରଗଡ଼ ଅଞ୍ଚଳର ୧୬ନଂ. ଜାତୀୟ ରାଜପଥରେ ଜିଞ୍ଜର ଭର୍ତ୍ତି ଏକ ପିକଅପ୍ ଭ୍ୟାନ୍ ଉପରେ ଚଢ଼ାଉ କରାଯାଇଥିଲା। ପିକଅପ୍ ଭ୍ୟାନ୍ (ନଂ. ଓଡ଼ି୦୨-କ୍ୟୁ-୩୯୨୬) ଜବତ କରିବା ପରେ ସେଥିରୁ ୫ ଶହ ବୋତଲ ଜିଞ୍ଜର ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ସୋର ଥାନା ଅଧୀନ ବାଲିପୁର ଗ୍ରାମର ନିରଞ୍ଜନ ମଲ୍ଲିକ (୩୮) ଓ ସଞ୍ଜୟ ମଲ୍ଲିକ (୩୧)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ବେଆଇନ ଭାବେ ଜିଞ୍ଜର ଦୀର୍ଘଦିନ ଧରି ଚାଲାଣ କରି ଭଦ୍ରକ ଓ ସୋର ଅଞ୍ଚଳରେ ବେପାର କରୁଥିଲେ। ଅବକାରୀ ବିଭାଗ ଖବରପାଇ ତାଙ୍କ ଉପରେ ଚଢ଼ାଉ କରିଥିଲା। ଏନେଇ ଜିଲା ଭ୍ରାମ୍ୟମାଣ ଅବକାରୀ ଥାନାରେ ମାମଲା (ନଂ. ୧୮୯/ ୨୦୨୨-୨୩) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# 'ଡିଗ୍ରୀ କଲେଜରେ ସିଟ୍ ସଂଖ୍ୟା ବୃଦ୍ଧି କରାଯାଉ'


ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା ଅଫିସ,୧୭।୧୦

ମୟୂରଭଞ୍ଜ ଜିଲାରେ ଥିବା ଡିଗ୍ରୀ କଲେଜ ଗୁଡିକରେ ସିଟ ସଂଖ୍ୟା ବୃଦ୍ଧିକୁ ନେଇ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବି ହୋଇଛି । ଏ ନେଇ ସଂଘର ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଚଳିତ ବର୍ଷ ୬୦ ପ୍ରତିଶତ ନମ୍ବର ରଖି +୨ପାସ କରିଥିବା ଛାତ୍ରୀଛାତ୍ରମାନେ ଡିଗ୍ରୀ କଲେଜରେ ଆଡମିଶନ ହୋଇପାରୁ ନାହାନ୍ତି । କଲେଜ ଗୁଡିକରେ ସିଟ ସଂଖ୍ୟା କମ ଥିବାରୁ ବହୁ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ଉପୁଜିଛି । ଅନଲାଇନ ମାଧ୍ୟମରେ ସ୍ୱାଟ୍ ଆଡମିଶନ ପାଇଁ ସିଲେକ୍ସନ ସରିଥିଲେ ମଧ୍ୟ ଏହି ଛାତ୍ରୀଛାତ୍ରମାନେ +୩ ପାଠପଢାରୁ ବଞ୍ଚିତ ହେଉଛନ୍ତି । ଆଦିବାସୀ ଅଧ୍ୟୁଷିତ ବୃହତ ଜିଲାରେ ପାସ ହାର ବୃଦ୍ଧି ପାଇଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗରେ ଦର୍ଶାଯାଇଛି। ଏଣୁ ପାସ ହାରକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସିଟ ସଂଖ୍ୟା ବୃଦ୍ଧି କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସୋନାଲ ମୁର୍ମୁ, ଦୁବରାଜ ମୁର୍ମୁ, ପୃଥି ମାର୍ଣ୍ଡି,ବିନୋଦ ହେମ୍ବ୍ରମ, ଶୋକେନ ହାଁସଦା, ବିକାଶ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

## ବୃଦ୍ଧଙ୍କ ଆତ୍ମହତ୍ୟା

କୁଆମରା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ମୁରାଲି ଗ୍ରାମର ଜଣେ ବୃଦ୍ଧ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉତ୍ତରା ସିଂ(୬୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୫୯/୨୨) ରୁଜୁ କରି ତଦନ୍ତ ଚଳାଇ ଥିବା ଡୁକୁରା ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମହାକୁଡ କହିଛନ୍ତି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

## ସଂକ୍ଷେପରେ

### ନିଆଁ ଲିଭାଇବା ବେଳେ ସାପ କାମୁଡ଼ାରେ ଗୁରୁତର

ଆନନ୍ଦପୁର,୧୭।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବଲଦୁଆଁ ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳିଯାଇଛି। ନିଆଁ ଲିଭାଇବା ସମୟରେ ଜଣଙ୍କୁ ସାପ କାମୁଡ଼ିବାରୁ ସେ ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମର ରାଜୁ ମୁଣ୍ଡାଙ୍କ ଘରେ ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିଲା। ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେତେବେଳକୁ ଦୁଇ ବଖରା ଘର ପୋଡ଼ି ଯାଇଥିଲା। ଅଗ୍ନିକାଣ୍ଡରେ ଘରର ବହୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ନିଆଁ ଲିଭାଇବା ସମୟରେ ଗ୍ରାମର ତୁଷାର ମୁଣ୍ଡାଙ୍କ ପୁଅ ପ୍ରଦୀପଙ୍କୁ ସାପ କାମୁଡ଼ି ଦେଇଥିଲା। ଅଗ୍ନିଶମ ବାହିନୀ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଅଗ୍ନିଶମ ଅଧିକାରୀ ପ୍ରତାପ ସିଂହ ସୂଚନା ଦେଇଛନ୍ତି।

### ଷଣ୍ଢ ଆକ୍ରମଣରେ ଜୀବନ ଗଲା

ଉଦଳା,୧୭।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅଞ୍ଚଳରେ ସୋମବାର ଷଣ୍ଢ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ୮ନଂ. ୱାର୍ଡର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ (୫୨)। ଉଦଳା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା (ନଂ.୫୮/୨୨) ରୁଜୁ କରିଛି।

ସୂଚନା ଅନୁଯାୟୀ, ସକାଳେ ଘର ପାଖ ବିଲରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଛାତି ଏବଂ ବେକରେ ଗଭୀର ଆଘାତ ଲାଗିଥିବା ଦେଖି ପ୍ରଥମେ ଏହା ଏକ ହତ୍ୟାକାଣ୍ଡ ଭାବି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ଷଣ୍ଢ ଆକ୍ରମଣରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ବିଲରେ ଫସଲ ନଷ୍ଟ କରୁଥିବା ଷଣ୍ଢକୁ ଘଉଡ଼ାଇବା ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଷଣ୍ଢ ଆକ୍ରମଣ କରିଥିବା ପୋଲିସ କହିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଭାଲୁ ଆକ୍ରମଣରେ ୨ ଗୁରୁତର

ଠାକୁରମୁଣ୍ଡା,୧୭।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ଭରାଣ୍ଡିହା ପଞ୍ଚାୟତ ବାରପଉଟିଆ ଗ୍ରାମରେ ସୋମବାର ଭୋର ସମୟରେ ଏକ ଭାଲୁ ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି। ଆହତଦ୍ୱୟ ହେଲେ ଗୁଲିଆ ହାଁସଦା ଏବଂ ବସନ୍ତ ନାଏକ। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭୋର ସମୟରେ ଉଭୟେ ଗାଁ ସନ୍ନିକଟ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ବେଳେ ଏକ ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲା। ଉଭୟଙ୍କ ହାତ, ମୁଣ୍ଡ, ମୁହଁ ଓ ଜଙ୍ଘରେ ଗଭୀର କ୍ଷତ ହୋଇଛି। ସେମାନଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ଦୌଡ଼ି ଆସିବାରୁ ଭାଲୁ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ପରେ ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ସେମାନଙ୍କୁ ଡାକ୍ତରଖାନା ନେଇଥିଲେ।

# ଭୋଟ୍‌କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ଧାମନଗର ଉପନିର୍ବାଚନ**

ଧାମନଗର,୧୭।୧୦(ସ୍ୱ.ପ୍ର.)

ଧାମନଗର ଉପନିର୍ବାଚନ ପାଇଁ ସୋମବାର ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସଦର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ବନ ବିହାରୀ ଦିନ୍ଦାଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ ଧାର୍ଯ୍ୟ ହେଇଥିବା ଭୋଟ୍‌କେନ୍ଦ୍ର ବନ୍ଧଟିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ଶିବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ନସଲାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ପରିଦର୍ଶନ କରିବା ସହ ସମସ୍ତ ବ୍ୟବସ୍ଥାର ଯାଞ୍ଚ କରିଥିଲେ ଜିଲାପାଳ। ଏହି ଅବସରରେ ଶିବପୁର ବିଦ୍ୟାଳୟରେ ଶ୍ରେଣୀଗୃହରେ ପଢୁଥିବା ଛାତ୍ରୀଛାତ୍ରଙ୍କ ସହ ସେ କିଛି ସମୟ ବିତାଇଥିଲେ। ସେମାନଙ୍କ ସହ ପାଠପଢ଼ା ବିଷୟରେ ଜିଲାପାଳ ଆଲୋଚନା କରିଥିଲେ। ଏଥିସହ କୁନି ପିଲାଙ୍କୁ ବିସ୍କୁଟ ଓ ଚକୋଲେଟ ଦେଇଥିଲେ। ସେହିପରି ନସଲାପୁର ବିଦ୍ୟାଳୟକୁ ଯାଇ ଯାଞ୍ଚ କରୁଥିବା ସମୟରେ ଜଣେ ଛାତ୍ରଙ୍କ ଆଖି ଟିକେ ଖରାପ ଥିବାର ସେ ଲକ୍ଷ୍ୟ କରିଥିଲେ। ପରେ ସେହି ପିଲାର ଆଖି କେଉଁ କାରଣରୁ ଖରାପ ଅଛି, ଶ୍ରେଣୀ ଶିକ୍ଷକଙ୍କଠାରୁ ବୁଝି ତୁରନ୍ତ ଚିକିତ୍ସା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ନୋଡାଲ ଅଫିସର ଭାସ୍କର ଦାସଙ୍କ ସହ ବ୍ଲକର ଅନ୍ୟାନ୍ୟ ଅଧିକାରୀ ଭୋଟ୍‌କେନ୍ଦ୍ର ଯାଞ୍ଚ ବେଳେ ଉପସ୍ଥିତ ଥିଲେ।



ନସଲାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟ ଅଧିକାରୀ।

# ଜମୁଛି ସୂର୍ଯ୍ୟବଂଶୀଙ୍କ ପ୍ରଚାର


ଭୋଟରଙ୍କୁ ଭେଟୁଛନ୍ତି ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ।

ଧାମନଗର,୧୭।୧୦ (ସ୍ୱ.ପ୍ର./ଡି.ଏନ.ଏ.)

ଧାମନଗର ଉପନିର୍ବାଚନ ପାଇଁ ଭାଜପା ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି। ସୋମବାର ପୂର୍ବାହ୍ନରେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ବମକୁରା ପଞ୍ଚାୟତର ବିଭିନ୍ନ ୱାର୍ଡରେ ଘର ଘର ବୁଲି ଭୋଟ୍ ଭିକ୍ଷା କରିଛନ୍ତି। ତାଙ୍କ ପିତା ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ଏବଂ ସାଧାରଣ ଲୋକଙ୍କ ପାଖରେ ରହି ସେମାନଙ୍କ ମୌଳିକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହି ଭୋଟରଙ୍କୁ ମନାଉଥିବା ଦେଖିବାକୁ ମିଳିଛି। ପଞ୍ଚାୟତର ସଭାପତି ତପନ ପଣ୍ଡା, କୈଳାସ ପଣ୍ଡା, କ୍ଷୀରୋଦ ଧଳ, ଅନିରୁଦ୍ଧ ପଣ୍ଡା, ସଞ୍ଜୟ ମଲ୍ଲିକ, ଧନେଶ୍ୱର ସେଠୀ ପ୍ରମୁଖ ସୂର୍ଯ୍ୟବଂଶୀଙ୍କ ସହ ପ୍ରଚାରରେ ସାମିଲ ଥିଲେ।

ସେହିପରି ସୂର୍ଯ୍ୟବଂଶୀଙ୍କ ପାଇଁ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଜ୍ୟ ମୁଖପାତ୍ର ବିରଞ୍ଚି ନାରାୟଣ ତ୍ରିପାଠୀ ଓ ଯାଜପୁର ଜିଲା ଭାଜପା ନେତା ଗୌତମ ରାୟ ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ମାରାଥନ ପ୍ରଚାର କରିଛନ୍ତି। ଦୁଇଦିନ ଧରି ମନମୋହନ ଦେହୁରି ଆନନ୍ଦପୁର ପଞ୍ଚାୟତର ବାଲିପାଟଣା, ପାହଡ଼ପୁର, ଉଦ୍ଦେଇପୁର, ଚମ୍ପାବାଗ ଆଦି ଗାଁ ବୁଲି ସୂର୍ଯ୍ୟବଂଶୀଙ୍କ ସପକ୍ଷରେ ଭୋଟ୍ ନିବେଦନ କରିଛନ୍ତି। ଜିଲା ଓ ନିର୍ବାଚନମଣ୍ଡଳୀ ସ୍ତରୀୟ ଭାଜପା ନେତାଙ୍କ ସମେତ ଆନନ୍ଦପୁର ପଞ୍ଚାୟତର ଦଳୀୟ ନେତା ରମେଶ ଚନ୍ଦ୍ର ପତି, ପ୍ରମୋଦ ଆଦିଆ, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ, କୁଳମଣି ଶତପଥୀ, ପ୍ରମୋଦ ବେହେରା, ମନ୍ମଥ ଦାସ, ନାରାୟଣ ପୃଷ୍ଟି, ତରଣୀ ଜେନା, ବିଜୟ ପାତ୍ର, ତପନ ବାରିକ, ବିଦ୍ୟାଧର ପେଡ଼ା, ରଞ୍ଜନ ସାହୁ, ଛବିନ ସାହୁ, ମୁନା ପତି, ପଣ୍ଡା ଖୁଣ୍ଟିଆ, ଉମାକାନ୍ତ ସାହୁ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

# ଭୋଟରଙ୍କୁ ଆକୃଷ୍ଟ କରିବାକୁ କଂଗ୍ରେସର ରଣକୌଶଳ

ଧାମନଗର,୧୭।୧୦(ସ୍ୱ.ପ୍ର.)


ନିର୍ବାଚନୀ ବୈଠକରେ କଂଗ୍ରେସର କର୍ମକର୍ତ୍ତା।

ଉପନିର୍ବାଚନ ପାଇଁ ଧାମନଗର ରାଜନୀତି ସରଗରମ ହୋଇଛି। ନିଜ ସପକ୍ଷରେ ଜନମତ ହାତେଇବା ଲାଗି ଭାଜପା, ବିଜେଡି ଓ କଂଗ୍ରେସ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି। ଘନ ଘନ ବୈଠକ, ସମ୍ମିଳନୀ ଆଦି କରାଯାଇ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ନେଇ କର୍ମୀମାନଙ୍କୁ ପରାମର୍ଶ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଧାମନଗର ବ୍ଲକ ୧୨ ନଂ. ଜୋନ୍‌ର ଅସୁରାଳି ବଜାର ନିକଟସ୍ଥ ଏକ ସ'ମିଲଠାରେ ସୋମବାର ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ଜୋନସ୍ତରୀୟ ସାଙ୍ଗଠନିକ ବୈଠକ କରାଯାଇଛି। ରବୀନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କ ସହ ବ୍ଲକ ସଭାପତି ପ୍ରସନ୍ନ କୁମାର ଧଳ, ଜୋନ୍ ସଭାପତି ନିମାଇଁ ଚରଣ ଯେନା, ଜିଲା କଂଗ୍ରେସ କମିଟି ସଦସ୍ୟ ଅରବିନ୍ଦ ନାୟକ, ଅସୁରାଳି ପଞ୍ଚାୟତ ସଭାପତି ସୁଧୀର ଖଟୁଆ, ଶ୍ରୀକାନ୍ତ କୁମାର ପଣ୍ଡା, ଆଲୋକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପନିର୍ବାଚନ ପାଇଁ ଦଳକୁ କିପରି ସୁଦୃଢ଼ କରାଯାଇ ନିର୍ବାଚନୀ ବୈତରଣୀ ପାର୍ ହେବା ଏବଂ ପଞ୍ଚାୟତ ସ୍ତରରେ ପ୍ରତ୍ୟେକ ୱାର୍ଡକୁ ଯାଇ ଭୋଟରଙ୍କୁ ଆକୃଷ୍ଟ କରିବା ସହ ପ୍ରତିପକ୍ଷ ପ୍ରାର୍ଥୀମାନଙ୍କୁ ପରାଜୟର ସ୍ୱାଦ ଦେବା ପାଇଁ ରଣକୌଶଳ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ କରାଯାଇଥିବା ଅସୁରାଳି ଜୋନ୍‌ର ପର୍ଯ୍ୟବେକ୍ଷକ ସୁଧାଂଶୁ ଶେଖର ନାୟକ ଓ ଆଶୁତୋଷ ପରିଡ଼ା ବୈଠକରେ ଉପସ୍ଥିତ ଥିଲେ। ୮ ପଞ୍ଚାୟତରୁ ବହୁ ଦଳୀୟ କର୍ମୀ ଏଥିରେ ସାମିଲ ଥିଲେ।

# କର୍ମୀ ସମ୍ମିଳନୀରେ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର



ଆନନ୍ଦପୁରଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ନିର୍ବାଚନୀ ସଭା।

ଧାମନଗର, ୧୭।୧୦(ଡି.ଏନ.ଏ.)

ଧାମନଗର ଉପନିର୍ବାଚନ ଯେତେ ପାଖେଇ ଆସୁଛି ନିର୍ବାଚନୀ ଉଷ୍ମତା ସେତେ ବଢୁଛି। ଉପନିର୍ବାଚନ ପାଇଁ ଧାମନଗର ଅଞ୍ଚଳରେ ବିଭିନ୍ନ ଦଳ ପକ୍ଷରୁ ଭୋଟରଙ୍କୁ ଭେଟିବା ସହ କର୍ମୀ ସମ୍ମିଳନୀ କରି ପ୍ରଚାରରେ ଲାଗି ପଡ଼ିଛନ୍ତି। ବିଜେଡିରୁ ଅବନ୍ତୀ ଦାସ, ଭାଜପାରୁ ସୂର୍ଯ୍ୟବଂଶୀ ସୂରଜ, କଂଗ୍ରେସରୁ ହରେକୃଷ୍ଣ ସେଠୀଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଦାସ ଓ ପବିତ୍ର ମୋହନ ଦାସ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଜେଡି ପ୍ରାର୍ଥିନୀ ଅବନ୍ତୀ ରବିବାର ଦୋବଲ ଜୋନ୍‌ର ବିଭିନ୍ନ ପଞ୍ଚାୟତରେ କର୍ମୀ ସମ୍ମିଳନୀ ମାଧ୍ୟମରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଦୋବଲ ଜୋନ୍‌ର ଦଳାଙ୍ଗ, ଖଡିପଦା, ପଧାନୀ, ଆନନ୍ଦପୁର, ସୋହଡ଼ା, କରଦା, ଦୋବଲ ଓ ମୁସ୍ତାଫାପୁର ପଞ୍ଚାୟତରେ ଏହି କର୍ମୀ ସମ୍ମିଳନୀ କରାଯାଇ ବିଜେଡି ପ୍ରାର୍ଥୀ ଅବନ୍ତୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରାଯାଇଛି।

ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ବିଭିନ୍ନ ସଭାରେ ବିଜେଡି ପ୍ରାର୍ଥିନୀ ଅବନ୍ତୀଙ୍କ ସହ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜ୍ୟ ନେତ୍ରୀ ଜ୍ୟୋତ୍ସ୍ନାରାଣୀ ପରିଡ଼ା, ଏମ୍‌ପିଙ୍କ ଚାନ୍ଦବାଲି ବ୍ଲକ ପ୍ରତିନିଧି ଅଶୋକ ବଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, ଶରତ ଚନ୍ଦ୍ର ମାଝି, ସରପଞ୍ଚ ମୀନା ମାଝି ପ୍ରମୁଖ ଯୋଗ ଦେଇଥିଲେ। ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେମାନେ ନିବେଦନ କରିଛନ୍ତି। ଅବନ୍ତୀ ଜିତିଲେ ଦଳ ଜିତିବ ଓ ଧାମନଗରର ବିକାଶ ହେବ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଚଳିତ ଉପନିର୍ବାଚନରେ ଦଳ କିପରି ଧାମନଗର ଆସନ ଅକ୍ତିଆର କରିବ ସେନେଇ ରଣନୀତି ପ୍ରସ୍ତୁତ କରାଯାଇଛି। ବିଜେଡି ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ସମ୍ମିଳନୀରେ ସାମିଲ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଯୋଗ ଦେଲେ ଏମ୍‌ପି, ବିଧାୟକ**

ଚମ୍ପୁଆ,୧୭।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍.ଏ.ସିରେ ସୋମବାର ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚନ୍ଦ୍ରଶେଖର ମନ୍ଦିରଠାରେ ପୂଜା ଅର୍ଚ୍ଚନା ପରେ ପ୍ରାୟ ୨୦୦୦ ରୁ ଊର୍ଦ୍ଧ୍ୱ କର୍ମୀ ଓ ସମର୍ଥକ ଦଳୀୟ ପତାକା ଧରି ପଦଯାତ୍ରାରେ ଆରମ୍ଭ କରିଥିଲେ। ଏନ୍ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ବରିଷ୍ଠ ବିଜେଡି ନେତା କୁଶ ଆପଟ୍ଟ, ସଂଖ୍ୟାଲଘୁ ସଭାପତି ନେସାର ହେୟାତ ଓ ସୁବାଷ ରାମ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ୧୩ ଗୋଟି ୱାର୍ଡର କାଉନ୍ସିଲରମାନେ ସାମିଲ ହୋଇଥିଲେ। ପଦଯାତ୍ରା ଚମ୍ପୁଆ ସହର ଅତିକ୍ରମ କରି ଗୋଧୂଳିଠାରେ ଥିବା ବିଶ୍ୱରୂପାୟ ମହାଦେବ ମନ୍ଦିରଠାରେ ଶେଷ ହୋଇଥିଲା। ଜନସମ୍ପର୍କ ପଦଯାତ୍ରା ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଏହାର ରୂପାୟନ ସମ୍ବନ୍ଧରେ ତୃଣମୂଳସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାର ଏକ ଅଭିନବ ପ୍ରୟାସ ବୋଲି ସାଂସଦ ଓ ବିଧାୟକ ମତ ରଖିଥିଲେ।


କେନ୍ଦୁଝର ଏମ୍‌ପି, ଚମ୍ପୁଆ ବିଧାୟକଙ୍କ ସହ ପଦଯାତ୍ରାରେ ବିଜେଡି କର୍ମକର୍ତ୍ତା।

# ରାଷ୍ଟ୍ରୀୟ କ୍ଷେତ୍ରୀୟ ମହାସଂଘ କର୍ମକର୍ତ୍ତା ଚୟନ

ଆନନ୍ଦପୁର,୧୭।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରାଷ୍ଟ୍ରୀୟ କ୍ଷେତ୍ରୀୟ ମହାସଂଘ ଶାଖାର ଏକ ବୈଠକ ଆନନ୍ଦପୁର ଦଧିବାମନ ଜିଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାକୁ କେନ୍ଦୁଝର ଶାଖାର କର୍ମକର୍ତ୍ତା ଚୟନ କରାଯାଇଛି। ସଂଘର ସଭାପତି ଭାବେ ହରିହର ସିଂହ, ଉପସଭାପତି ଭାବେ ପଞ୍ଚାନନ ରାଉତ, ଗୋଲଖ ବିହାରୀ ଜେନା, ସନ୍ତୋଷ ମହାପାତ୍ର, ସମ୍ପାଦକ ଭାବେ ଅଜିତ୍ ନାୟକ, ଉପଦେଷ୍ଟା ଭାବେ ନିତ୍ୟାନନ୍ଦ ପରିଡ଼ା, ତାରାରଞ୍ଜନ ପହି, ଶରତ ଜେନା, ବନବିହାରୀ ଧଳ, ଶରତ ସ୍ୱାଇଁ, ସହ ସମ୍ପାଦକ ଭାବେ ରାଜୀବ ଲୋଚନ ଜେନା, ବସନ୍ତ ଜେନା, ବିଭୁତୀ ମହାନ୍ତି, କୋଷାଧ୍ୟକ୍ଷ ଭାବେ ବିଜୟ ସାହାଣୀ, କାର୍ଯ୍ୟକାରୀ ସଦସ୍ୟ ଭାବେ ଲଲାଟେନ୍ଦୁ ଧିର, ଅଶୋକ ରାଉତ, ସନ୍ତୋଷ ରାଉତ, ସୁମନ ସୁଜିତ୍ ସିଂହ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାସଂଘ ରାଜ୍ୟ ଶାଖାର ସଭାପତି ରାମଚନ୍ଦ୍ର ସୁର ଉପସ୍ଥିତ ରହିଥିଲେ।

# ବାଳିକାରେ ଯୋଡ଼ା, ବାଳକରେ ସାହାରପଡ଼ା ଚାମ୍ପିୟନ



ଚାମ୍ପିୟନ ହୋଇଥିବା ଯୋଡ଼ା ବାଳିକା ଫୁଟବଲ ଦଳ।

କେନ୍ଦୁଝର,୧୭।୧୦(ଡି.ଏନ୍.ଏ/ସ୍ୱ.ପ୍ର)

୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍-୨୦୨୨ ଉପଲକ୍ଷେ କେନ୍ଦୁଝର ଷ୍ଟାଡ଼ିୟମଠାରେ ୫ ଦିନ ଧରି ଚାଲିଥିବା ଉଭୟ ବାଳିକା ଓ ବାଳକ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବାଳିକା ବର୍ଗରେ ବାଂଶପାଳ ଦଳକୁ ୦-୪ ଗୋଲରେ ହରାଇ ଯୋଡ଼ା ଦଳ ଚାମ୍ପିୟନ୍ ହୋଇଛି। ସେହିପରି ବାଳକ ବର୍ଗରେ ହରିଚନ୍ଦନପୁର ଦଳକୁ ୧-୨ ଗୋଲରେ ହରାଇ ସାହାରପଡ଼ା ଚାମ୍ପିୟନ୍ ବିବେଚିତ ହୋଇଛି।

ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ ଯୋଗଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଉମ୍ବରୁଧର ମହାନ୍ତ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୃଷ୍ଣଚନ୍ଦ୍ର ମହାନ୍ତ, ଲକ୍ଷ୍ମୀ ନାରାୟଣ ସିଂ, ଜଗବନ୍ଧୁ ମହାନ୍ତ, ଫକୀର ମୋହନ ମହାନ୍ତ, କେଶବ ଚନ୍ଦ୍ର ମହାନ୍ତ, ତ୍ରିନାଥ ପ୍ରଧାନ, ରଞ୍ଜନ ସାମଲ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରତି ବିଦ୍ୟାଳୟକୁ ୫ଟି ଲେଖାଏ ଫୁଟବଲ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟରେ ଚାମ୍ପିୟନ୍ ଓ ରନର୍ସଅପ୍ ଦଳ ଏବଂ ସମସ୍ତ ଖେଳାଳିଙ୍କୁ ମେଡାଲ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏଥିସହ ଉଭୟ ଦଳର ଖେଳାଳିମାନେ ୧୭ ବର୍ଷରୁ କମ ଫିଫା ମହିଳା ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଦେଖିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହାନ୍ତ ସୂଚନା ଦେଇଛନ୍ତି।

# ବାଲେଶ୍ୱର, ଜଳେଶ୍ୱର ବ୍ଲକ ଚାମ୍ପିୟନ

**ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା**

ବାଲେଶ୍ୱର ଅଫିସ, ୧୭।୧୦

ବାଲେଶ୍ୱର ସହର ଖ୍ରୀଷ୍ଟିୟାନ ହାଇସ୍କୁଲ ଖେଳ ପଡ଼ିଆରେ ଜିଲାସ୍ତରୀୟ ୧୭ବର୍ଷରୁ କମ୍ ବାଳିକା ଓ ବାଳକମାନଙ୍କ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା-୨୦୨୨ ସୋମବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ତଥା ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟରେ ୧୨ ବ୍ଲକ ଏବଂ ବାଲେଶ୍ୱର ମ୍ୟୁନିସିପାଲିଟିରୁ ମୋଟ୍ ୧୩ଟି ବାଳିକା ଓ ୧୩ଟି ବାଳକ ଫୁଟ୍‌ବଲ ଦଳ ଭାଗ ନେଇଥିଲେ। ଟୁର୍ନାମେଣ୍ଟରେ ବାଳିକା ବିଭାଗରେ ସଦର ବ୍ଲକ ଚାମ୍ପିୟନ, ରେମୁଣା ବ୍ଲକ ରନର୍ସଅପ୍, ବାଳକ ବିଭାଗରେ ଜଳେଶ୍ୱର ବ୍ଲକ ଚାମ୍ପିୟନ ଓ ଔପଦା ବ୍ଲକ ରନର୍ସଅପ୍ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ତଥା ଅବକାରୀ ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ବିଦ୍ୟାଳୟମାନଙ୍କର ସମସ୍ତ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ ଓ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌର ଅଧ୍ୟକ୍ଷା ସବିତା ସାହୁ ଯୋଗଦେଇ ଖେଳାଳିମାନଙ୍କ ମନୋବଳ ଦୃଢ଼ କରି ଜିଲାର ସୁନାମ ପାଇଁ ନିଜର ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସଅପ୍ ଦଳର ଖେଳାଳୀଙ୍କୁ ଟ୍ରଫି, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲସ୍କୋରର ଭାବେ ବାଳିକା ବିଭାଗରୁ ସଦର ବ୍ଲକର ଅର୍ଚ୍ଚିତା ରାଉତ ଓ ବାଳକ ବିଭାଗରୁ ଜଳେଶ୍ୱର ବ୍ଲକର ମୋଚିରାମ ମୁର୍ମୁ, ବେଷ୍ଟ ଡିଫେଣ୍ଡର ଭାବେ ବାଳିକା ବିଭାଗରୁ ମ୍ୟୁନିସିପାଲିଟିର ଅଶ୍ରୁ ସିଂ ଓ ବାଳକ ବିଭାଗରେ ରେମୁଣା ବ୍ଲକର ଅଜୁ ସିଂ ଏବଂ ବେଷ୍ଟ ହାଫ୍ ପ୍ଲେୟାର ଭାବେ ବାଳିକା ବିଭାଗରୁ ରେମୁଣା ବ୍ଲକର ସୀମା ସିଂ ଓ ବାଳକ ବିଭାଗରୁ ଔପଦା ବ୍ଲକର ଲଖାଇ ହେମ୍ବ୍ରମ୍‌ଙ୍କୁ ଅତିଥିମାନେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ପ୍ରଦୀପ କୁମାର ଦାସ, ତପନ ସିଂ, ସୀତା ମାଝି, ସର୍ଫରାଜ ଫିରଦୋସ, ସୁଦାମ ବୁଗୁଡ଼ାଇ ଟୁର୍ନାମେଣ୍ଟରେ ମ୍ୟାଚ୍‌ଗୁଡ଼ିକୁ ପରିଚାଳନା କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଅଶୋକ କୁମାର ନାୟକ, କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପାଶା, ଅବଦୁଲ ହାକିମ, ଅପୂର୍ବ ରଞ୍ଜନ ଖୁଣ୍ଟିଆ, ଶୁଭେନ୍ଦୁ ଶେଖର ଆଚାର୍ଯ୍ୟ, କ୍ରୀଡ଼ା ଶିକ୍ଷୟିତ୍ରୀ ସୁମନା ନନ୍ଦୀ ଓ କଳ୍ପଲତା ରଥ ପ୍ରମୁଖ ୭ଦିନ ଧରି ଚାଲିଥିବା ଏହି ଫୁଟବଲ ଟୁର୍ନାମେଣ୍ଟ ପରିଚାଳନା ନିମନ୍ତେ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।


ଅତିଥିଙ୍କ ଦ୍ୱାରା ଚାମ୍ପିୟନ ବାଳିକା ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଉଛି।

